# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୪୫ (ଓଡ଼ିଆ ବୁଲେଟିନ୍) | ସପ୍ତାହ - ୨୩ | ତାରିଖ: ୦୬.୦୬.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୩୧.୦୫.୨୦୨୫ ରୁ ୦୬.୦୬.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୩୧ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୩୧ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୩୧ | ୦୧ | ୦୨ | ୦୩ | ୦୪ | ୦୫ | ୦୬ |
| ଝାରସୁଗୁଡ଼ା | 37 | 33 | 38 | 39 | 39 | 38 | 38 | 24 | 25 | 26 | 27 | 26 | 24 | 26 | 28.8 | 5.6 | 0.0 | 0.0 | 0.0 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୭-୦୬-୨୦୨୫ | ୦୮-୦୬-୨୦୨୫ | ୦୯-୦୬-୨୦୨୫ | ୧୦-୦୬-୨୦୨୫ | ୧୧-୦୬-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 2 | 1 | 2 | 2 | 2 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 39 | 39 | 40 | 40 | 39 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 26 | 26 | 27 | 27 | 27 |
| ମେଘ ଆବରଣ (ଓକଟା) | 3 | 3 | 3 | 4 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 58 | 52 | 48 | 49 | 55 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 27 | 23 | 22 | 20 | 17 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 6 | 6 | 12 | 7 |
| ପବନର ଦିଗ (ଡିଗ୍ରୀ) | 138 | 194 | 208 | 244 | 304 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ, ଆଗାମୀ ସପ୍ତାହରେ କିଛି ସ୍ଥାନରେ ଝଡ଼ତୋଫାନ/ବଜ୍ରପାତ ସହିତ ଅତି ହାଲୁକା ବର୍ଷା ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ମେଘୁଆ ଦେଖାଯାଇପାରେ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ (ଦିନର) ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ ଏବଂ ପରବର୍ତ୍ତୀ ଦିନଗୁଡ଼ିକରେ ଧୀରେ ଧୀରେ ୧ ରୁ ୨ ଡିଗ୍ରୀ ସେ. ବୃଦ୍ଧି ଦେଖିବାକୁ ମିଳିପାରେ । ଆଗାମୀ ପାଞ୍ଚ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ଆଶା କରାଯାଉ ନାହିଁ ଏବଂ ଏହି ସମୟ ମଧ୍ୟରେ ୫ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ, ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ସପ୍ତାହ-୧ (୦୬ ରୁ ୧୨ ଜୁନ୍, ୨୦୨୫) ରେ ଓଡ଼ିଶାର କିଛି ସ୍ଥାନରେ ଏବଂ ସପ୍ତାହ-୨ (୧୩ ରୁ ୧୯ ଜୁନ୍, ୨୦୨୫) ରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା/ବଜ୍ରପାତ ହେବାର ସମ୍ଭାବନା ରହିଅଛି । ସପ୍ତାହ-୧ ଏବଂ ସପ୍ତାହ-୨ ରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ସ୍ୱାଭାବିକ ରହିପାରେ, ତେଣୁ ଚାଷୀମାନଙ୍କୁ ଉପଯୁକ୍ତ ସତର୍କତା ସହିତ ଅମଳ ଏବଂ ଅମଳ ପରବର୍ତ୍ତୀ କାର୍ଯ୍ୟ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଅଛି ।

- ଚାଷୀଭାଇମାନଙ୍କୁ ଖରିଫ ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଏବଂ ଉପଲବ୍ଧ ମାଟିର ଆର୍ଦ୍ରତାରେ ବର୍ଷାକାଳୀନ ପନିପରିବା ଚାଷ ପାଇଁ ନର୍ସରୀ ବୁଣା କିମ୍ବା ଚାରା ଲଗାଇବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁସାରେ,୧୧.୦୬.୨୦୨୫ ପରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ହେବାର ସମ୍ଭାବନା ଅଛି, ତେଣୁ ଚାଷୀମାନଙ୍କୁ ସେହି ଅନୁସାରେ କୃଷି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଉଛି।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ଅମଳ / ଅମଳ ପରବର୍ତ୍ତୀ ଅବସ୍ଥା | • ଧାନ ଫସଲର ଅମଳ ଏବଂ ଅମଳ ପରବର୍ତ୍ତୀ କାର୍ଯ୍ୟକଳାପ ଯେପରିକି ଶୁଖାଇବା, ଝାଡ଼ିବା, ସଂରକ୍ଷଣ କରିବା ଇତ୍ୟାଦି କାର୍ଯ୍ୟ ଯଥାଶୀଘ୍ର ଶୁଷ୍କ ପାଗକୁ ଦେଖି କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ପରବର୍ତ୍ତୀ ସପ୍ତାହରେ ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଅଛି । |
| | ସଂରକ୍ଷଣ | • ଅମଳ ହୋଇଥିବା ଧାନ/ଚାଉଳର ସୁରକ୍ଷିତ ସଂରକ୍ଷଣ ପାଇଁ, 'ସୁପର ଗ୍ରେନ୍ ବ୍ୟାଗ୍' ବ୍ୟବହାର କରନ୍ତୁ ଯାହା ଏହାର ଗୁଣବତ୍ତା, ଗଠନ, ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦକୁ ଅଧିକ ସମୟ ପାଇଁ ବଜାୟ ରଖିବାରେ ସହାୟକ ହୋଇଥାଏ ।<br>• ପ୍ରଚଳିତ ପାଣିପାଗର ପରିସ୍ଥିତିରେ ଧାନ ସଂରକ୍ଷଣ ସମୟରେ ଲାଗୁଥିବା ପୋକମାନଙ୍କର ଆକ୍ରମଣ ବୃଦ୍ଧି ହେବାର ଦେଖାଯାଇପାରେ, ତେଣୁ ଏହି ପୋକ ବିରୁଦ୍ଧରେ ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । |
| ବର୍ଷା ଦିନିଆ ଧାନ | ବିହନ ଚୟନ | • ଚାଷୀଭାଇମାନେ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ ଅଫିସ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଫାର୍ମ ଭଳି ଯେକୌଣସି ନିର୍ଭରଯୋଗ୍ୟ ଉତ୍ସରୁ ଭଲ ଗୁଣବତ୍ତାବିଶିଷ୍ଟ ବିହନର ବ୍ୟବସ୍ଥା କରନ୍ତୁ ।<br>• ଚଳିତ ବର୍ଷ ଭଲ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଚାଷୀଭାଇମାନେ ଉପ ଜମି ପାଇଁ ଖଣ୍ଡଗିରି, ସହଭାଗୀଧାନ, ମନ୍ଦାକିନୀ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ୯୦ ରୁ ୧୨୦ ଦିନିଆ କିସମ, ମଧ୍ୟମ ଜମି ନିମନ୍ତେ ଲଲାଟ, ଏମ୍.ଟି.ୟୁ.-୧୦୧୦, ଏମ୍.ଟି.ୟୁ.-୧୦୦୧, ନବୀନ, ପ୍ରତିଭା, ତେଜସ୍ୱିନୀ ଇତ୍ୟାଦି ୧୨୦ ରୁ ୧୪୦ ଦିନବିଶିଷ୍ଟ କିସମ ଏବଂ ଖାଲୁଆ ଜମି ପାଇଁ ପୂଜା, ପ୍ରତିକ୍ଷା, ହସନ୍ତ, ଦୁର୍ଗା, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ-୧, ସାରଳା, ମଉଡମଣୀ, କଳାଚମ୍ପା ଇତ୍ୟାଦି ୧୪୦ ଦିନ ରୁ ଅଧିକ ଅବଧି ବିଶିଷ୍ଟ କିସମର ବ୍ୟବହାର କରିପାରିବେ । |
| ଆମ୍ବ | ନୂଆଁ ଗଛ ପାଇଁ ଗାତ ପ୍ରସ୍ତୁତି / ଚାରା ଚୟନ | • ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ନୂଆଁ ଆମ୍ବ ଗଛ ଲଗାଇବା ପାଇଁ ଗାତ ଖୋଳାଯିବା ଉଚିତ, କିନ୍ତୁ ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଗାତ ଖୋଳା ଆରମ୍ଭ କରିନାହାଁନ୍ତି ସେମାନଙ୍କୁ ଏହି କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଅଛି । ଗାତଗୁଡ଼ିକ ୧ ମିଟର ଗଭୀର, ୧ ମିଟର ପ୍ରସ୍ଥ ଏବଂ ୧ ମିଟର ଲମ୍ବର ଖୋଳାଯିବା ଉଚିତ ।<br>• ଚୟନ କରାଯାଇଥିବା ଚାରାଗୁଡ଼ିକ ସୁସ୍ଥ ଏବଂ ଲଗାଇବା ପାଇଁ ଯଥେଷ୍ଟ ବଡ଼ ହେବା ସହିତ ସେଥିରେ କୀଟ ଏବଂ ରୋଗର ଲକ୍ଷଣ ଦେଖାଯାଉ ନ ଥିବା ଉଚିତ କାରଣ ସେଗୁଡ଼ିକର ବଞ୍ଚିବାର ସମ୍ଭାବନା ଅଧିକ ଥାଏ ।<br>• ଯଦି ଗଛ ଲଗାଇବା ପାଇଁ ପ୍ରସ୍ତୁତ ହୋଇ ଯାଇଛି, ତେବେ ଗାତ ଚାରିପାଖର ଉପର ମାଟିର ଏକ ଚତୁର୍ଥାଂଶ କିମ୍ବା ଗାତ ପ୍ରସ୍ତୁତ କରିବା ସମୟରେ ଅପସାରିତ ମାଟି ସହିତ ଗଛ ଲଗାଇବା ଗାତଗୁଡ଼ିକୁ ପୁନଃ ପୂରଣ କରନ୍ତୁ। ଆବଶ୍ୟକ ସ୍ଥଳେ, ଏହି ମାଟିରେ ଆବଶ୍ୟକ ପରିମାଣର ଖତ କିମ୍ବା ସାରକୁ ଭଲ ଭାବରେ ମିଶ୍ରଣ କରି ଗାତକୁ ଭରି କିଛି ଦିନ ପାଇଁ ସେମିତି ଛାଡ଼ି ଦିଅନ୍ତୁ । |
| ପନିପରିବା ଚାଷ | ଫଳ ଅବସ୍ଥା / ନର୍ସରୀ / ରୋପଣ | • ପାକଳ ହୋଇଯାଇଥିବା ଫସଲକୁ ଯଥାଶୀଘ୍ର ଅମଳ କରିଦେବା ଉଚିତ କାରଣ ପୂର୍ବ ଦିନରଗୁଡ଼ିକର ପାଣିପାଗ ପରିସ୍ଥିତି ଯୋଗୁଁ ଆଗକୁ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ରୋଗ ଏବଂ କୀଟପତଙ୍ଗ ଆକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ରହିଅଛି ।<br>• ଚାଷୀମାନେ ବର୍ଷା ଋତୁର ପନିପରିବା ଚାଷ ପାଇଁ ନର୍ସରୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିବାଦେବା ଉଚିତ । ଯେଉଁ ଚାଷୀଭାଇମାନେ ପୂର୍ବରୁ ଚାରା ପ୍ରସ୍ତୁତ କରିସାରିଛନ୍ତି ସେମାନେ ଉପଲବ୍ଧ ମାଟି ଆର୍ଦ୍ରତାରେ ଚାରାର ରୋପଣ କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । |
| ଗୋରୁ ଗାଈ ଓ ମଇଷି | | • ମୌସୁମୀ ବର୍ଷା ଆରମ୍ଭ ହେବା ସହିତ, ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ସେହି ରୋଗଗୁଡିକ ବିରୁଦ୍ଧରେ ଯଥାଶୀଘ୍ର ଟୀକାକରଣ କରିନେବାକୁ ପରାମର୍ଶ ଦିଆଯାଇଅଛି ।<br>• ବଜ୍ରପାତ / ବିଜୁଳି ସମୟରେ ପଶୁମାନଙ୍କୁ ଯେକୌଣସି ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ । |

| Ms. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|



---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ।